# Akashvani, Sambalpur

## SAMBALPURI NEWS BULLETIN

### 15 October 2025 – 6.47- 6.52 am.

**********************************************

ଆଂଚଲିକ୍ ଉଦ୍ଭିଦ ସମ୍ପଦ କେନ୍ଦ୍ର      I&PR

କେନ୍ଦୁଝରର ସାନଘାଗରାଠାନେ ରାଜ୍ୟର୍ ଦୁଇ ନମ୍ବର ସବୁନୁ ବଡ଼ ଆଂଚଲିକ୍ ଉଦ୍ଭିଦ ସମ୍ପଦ କେନ୍ଦ୍ର ଥାପ୍‌ନା କର୍‌ବାର୍‌କେ ରାଜ୍ୟ ସରକାର ପଦକ୍ଷେପ୍ ମୁଲ୍ କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ପ୍ରକଳ୍ପକେ ନେଇକରି ଜଙ୍ଗଲ, ପରିବେଶ ଆଉ ଜଳବାୟୁ ପରିବର୍ତନ ବିଭାଗ ଆଉ କେନ୍ଦୁଝର ଜିଲ୍ଲା ପ୍ରଶାସନ ସଙ୍ଗେ ଆଲୋଚନା କରିଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ, ପ୍ରକଳ୍ପ ୧୩୪ ଏକଡ଼ ଜାଗାନ ଥାପ୍‌ନା କରାଯିବା । କେନ୍ଦ୍ର ନ ଓଡ଼ିଶାର୍ ଭିନ୍ ଭିନ୍ ପ୍ରଜାତିର୍ ଅର୍କିଡ୍ ଫୁଲ୍ ଆଉ ଭିନ୍ ଭିନ୍ ଗଛ୍‌ର ସଂରକ୍ଷଣ ଆଉ ପ୍ରଦର୍ଶନ୍ କରାଯିବା । ପ୍ରକଳ୍ପ କାମ୍ ୨୦୨୭ ମସିହା ତକ୍ ସାର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ।

କୃଷି ବିଦ୍ୟାନିଧି ଯୋଜ୍‌ନା      I&PR

କୃଷି ବିଦ୍ୟାନିଧି ଯୋଜ୍‌ନାଥି ଛାତ୍ରବୃତି ଲାଗି ଆଏଜ୍‌ଠାନୁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ମୁଲ୍ ହଉଛେ । ଆବେଦନ୍ ପ୍ରକ୍ରିୟାର୍ ଶେଷ୍ ତାରିଖ୍ ନଭେମ୍ବର ୩୦ ତାରିଖ୍ ରଖାଯାଇଛେ । ଇ ସମିଆ ଭିତ୍‌ରେ ସିଏମ୍ କିଷାନ ହିତାଧିକାରୀ ପରିବାରର ମେଧାବୀ ଛାତ୍ରଛାତ୍ରୀମାନେ www.scholarship.Odisha.gov.in ଥି ବୃତି ଲାଗି ଆବେଦନ୍ କରିପାର୍‌ବେ । ସୂଚ୍‌ନା ଅନ୍‌ସାରେ, ରାଜ୍ୟ ସରକାର କୃଷି ବିଦ୍ୟାନିଧି ଯୋଜ୍‌ନା ଅଧିନ୍‌ଥି ସିଏମ୍ କିଷାନ ହିତାଧିକାରୀ ପରିବାରର ମେଧାବୀ ଛାତ୍ରଛାତ୍ରୀଙ୍କୁ ଆଇଆଇଟି, ଆଇଆଇଏମ୍, ଏନ୍‌ଆଇଟି, ଏମ୍‌ସ ଆଉ ଆଇଏଆର୍ ବାଗିର୍ ଜାତୀୟ ଶିକ୍ଷାନୁଷ୍ଠାନ୍ ନ ବୃତିଗତ୍ ଆଉ ବୈଷୟିକ୍ ଶିକ୍ଷା ଲାଗି ସରକାରୀ ସାହାଜ୍ ଯୁଗେଇ ଦଉଛନ୍ ।

ନଗର ଉନ୍ନୟନ ବିଭାଗ-ଏଡିବି ଆଲୋଚନା I&PR

ରାଜ୍ୟ ଗୃହ ଆଉ ନଗର ଉନ୍ନୟନ ବିଭାଗ ଗଲାକାଏଲ୍ ସହରାଂଚଲ୍ ବିକାଶ ଆଉ ଗତିଶୀଲ୍‌ତା କ୍ଷେତ୍ରଥି ଏସୀୟ ଉନ୍ନୟନ ବେଙ୍କ- ଏଡିବି ସଙ୍ଗେ ରଣନୈତିକ ସହଯୋଗ ଲାଗି ଆଲୋଚନା କରିଛେ । ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଭିତିଭୂମିର ବିକାଶ, ସ୍ଥାୟୀ ଗତିଶୀଲ୍‌ତା ଆଉ ସ୍ଥିର୍ ସହରାଂଚଲ୍

ଯୋଜ୍ନା କ୍ଷେତ୍ରଥି ବର୍କସ ସହଯୋଗ୍ ଜରିଏ ଓଡ଼ିଶାର ସହରୀ ପରିବର୍ତ୍ତନ୍ କେ ତୁର୍ତି କର୍ବାର୍ ଉପ୍ରେ ଆଲୋଚନା ହେଇଥିଲା । ଇ ଅବ୍ସରେ ଶ୍ରୀମତୀ ପାଢ଼ୀ ଓଡ଼ିଶାର ବିକାଶ ଯାତ୍ରାଥି ଏଡିବିର ନିରନ୍ତର ଯୋଗଦାନକେ ପ୍ରଶଂସା କରିଥିଲେ ।

## ସାମୁଦ୍ରିକ ବୋର୍ଡ ବୈଠକ୍ I&PR

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବନେଶ୍ୱର ଲୋକସେବା ଭବନ୍ ନ ଓଡ଼ିଶା ସାମୁଦ୍ରିକ୍ ବୋର୍ଡ-ଓଏମ୍ବିର୍ ୬ ନମ୍ବର ବୈଠକ୍ ହେଇଯାଇଛେ । ବୈଠକ୍ଥି ଓଡ଼ିଶା ନିଜର ସାମୁଦ୍ରିକ ଐତିହ୍ୟକେ ପୁନରୁଦ୍ଧାର କର୍ବାର ଆଉ ଦେଶର୍ ଆଗ୍ଧାଡ଼ିର ଉପକୂଳ ଅର୍ଥନୀତି ହିସାବେ ଉଭା ହେବାର୍ ବାବ୍ଦେ ଆଲୋଚନା କରାଯାଇଥିଲା । ଇ ବଛର୍ ହେବାର୍କେ ଥିବା ଭାରତ ସାମୁଦ୍ରିକ ସପ୍ତାହ-୨୦୨୫ଥି ଓଡ଼ିଶା ଭାଗିଦାରୀ ହେବାର୍କେ ନେଇକରି ଇ ଅବ୍ସରେ ସମୀକ୍ଷା କରାଯାଇଥିଲା । ବୈଠକ୍ଥି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବାଣିଜ୍ୟ ଆଉ ପରିବହନ ବିଭାଗର ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ସହେତେ ଅଲ୍ଗା ଅଧିକାରୀମାନେ ଉପସ୍ଥିତ ଥିଲେ ।

ଉଚ୍ଚ ଶିକ୍ଷା ବିଭାଗ-ସ୍ୱଚ୍ ନାଁ ଲେଖା I&PR

ୟୁଜି, ପିଜି, ୨ ବଛରିଆ ବିଇଡି/ଏମ୍ଇଡି, ୩ ବଛରିଆ ଏଲ୍ଏଲ୍ବି, ଇଂଟିଗ୍ରେଟେଡ୍ ବିଇଡି/ଏମ୍ଇଡି ଲାଗି ସ୍ୱଚ୍ ନାଁଲେଖା ପ୍ରକ୍ରିୟା ଆଏଜ୍ଠାନୁ ମୁଲ୍ ହେବା । ଉଚ୍ଚଶିକ୍ଷା ବିଭାଗର୍ ବିଜ୍ଞପ୍ତି ଅନ୍ସାରେ, ଆଏଜ୍ଠାନୁ ସାମ୍ସ ପୋର୍ଟାଲ୍ଥି ଆବେଦନ୍ ଫର୍ମ ଭରିହେବା । ଅନ୍ଲାଇନ ଆବେଦନ ତାରିଖ୍ ୨୨ ଅକ୍ଟୋବର ଥିବାର୍ ବେଲେ ୩୦ ଆଉ ୩୧ ତାରିଖ୍ ଦିନ ଯୋଗ୍ୟ ଛାତ୍ରଛାତ୍ରୀମାନେ ନାଁଲେଖାବାର୍ ସୁଯୋଗ୍ ପାଏବା ।

ବିଶ୍ୱ ହାତଧୁଆ ଦିବସ ଆର୍ଏନ୍ୟୁ / କଟକ୍

ହାତ୍ ଲାଗି ଜୀବାଣୁ ମୁହୁଁକେ ଯାଉଥିବାର୍ନୁ ଇ ବାବ୍ଦେ ସଚେତନତା ସୃଷ୍ଟି କର୍ବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ହାତ୍ ଧୁଆ ଦିବସ୍ ପାଲନ୍ କରାଯାଉଛେ । ଇ ଦିବସ୍ର ବାର୍ତା ରହିଛେ 'ଇଟା ଗ୍ଲୋବ୍ସ ହେଇପାରେ, ମାତର୍କ ସବୁବେଲେ ହାତର୍ ପରିଚ୍ଛନ୍ନତା ଜରୁରୀ ଆଏ' । ଇ ଅବ୍ସରେ ସାରା ପୁର୍ଥି ନ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଏସି ।

ଯୁକ୍ତ ୨ ର ଇଂଟରନାଲ୍ ଏସେସ୍‌ମେଂଟ   ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ଯୁକ୍ତ ୨ର ବାର୍ଷିକ୍ ପରୀକ୍ଷା ୨୦୨୬ ଲାଗି ପ୍ରକ୍ରିୟା ମୁଲ୍ ହେଇଛେ । ଆଏବା ଡିସେମ୍ବର ୨୨ ନୁ ୩୧ ତାରିଖ୍‌ତକ୍ ଯୁକ୍ତ ୨ ର ଇଂଟରନାଲ୍ ଏସେସ୍‌ମେଂଟ ଆଉ ପ୍ରୋଜେକ୍ଟ ପରୀକ୍ଷା ହେବା । ସେନ୍ତା ପ୍ରାକ୍ଟିକାଲ୍ ପରୀକ୍ଷା ୨୦୨୬ ଜାନୁୟାରୀ ୨ ତାରିଖ୍‌ନୁ ମୁଲ୍ ହେବା । ଇ ବାବ୍‌ଦେ ପରିଷଦ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ସଡ଼କ ସୁରକ୍ଷା ସମିତି ବୈଠକ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ଜିଲ୍ଲପାଲ ସିଦ୍ଧେଶ୍ୱର ବଲିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାଥି ଗଲାକାଏଲ୍ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ୍ ହେଇଯାଇଛେ । ବୈଠକ୍‌ଥି ୨୦୨୪ ଆଉ ୨୦୨୫ ଜାନୁୟାରୀନୁ ସେପ୍ଟେମ୍ବର ସାସ୍‌ତକ୍ ହେଇଥିବା ଦୁର୍ଘଟଣା ମାନ୍‌କର ତଥ୍ୟ, କାରଣ ଆଉ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ଗଲାବଛର୍ ଠାନୁ ଇ ବଛର୍ ଦୁର୍ଘଟ୍‌ନା ସଂଖ୍ୟା କମିଥିବାର ବୈଠକ୍‌ନୁ ଜନାପଡ଼ିଛେ ।

ବୁଢ଼ାରଜା ହାଇସ୍କୁଲ୍-ବିଲ୍ଡାଥନ୍         ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲପୁରର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟଠାନେ ବିକଶିତ୍ ଭାରତ୍ ବିଲ୍ଡାଥନ୍ କାର୍ଯ୍ୟକ୍ରମ ହେଇଯାଇଛେ । ସାରା ରାଏଜ୍ରୁ ଇ କାର୍ଯ୍ୟକ୍ରମ୍‌ଥି ଭାଗ୍ ନେଇଥିବା ୩ଟା ବିଦ୍ୟାଳୟ ଭିତ୍ରୁ ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ ମନୋନୀତ୍ ହେଇକରି ନୀତି ଆୟୋଗ ଆଉ ଅଟଲ ଇନୋଭେସନ୍ ମିଶନ୍ ତର୍ଫୁ ହଉଥିବା ବିଲ୍ଡାଥନ୍ କାର୍ଯ୍ୟକ୍ରମ୍‌ଥି ଭାଗ୍ ନେଇଥିଲା । ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ଜାତୀୟ ସ୍ତରର ଇ କାର୍ଯ୍ୟକ୍ରମ୍‌ଥି ନିଜର ପ୍ରକଳ୍ପର ମଡେଲ୍‌ମାନ୍ ପଞ୍ଜୀକରଣ କରେଇଥିଲେ ।

ଦୌଡ଼କୁଦ ପ୍ରତିଯୋଗିତା       ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାନେ ଚାଲିଥିବା ୪୦ ନମ୍ବର ଜାତୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ୫ ଦିନିଆ ଇ ପ୍ରତିଯୋଗିତାଥି ଓଡ଼ିଶାକେ ୭ଟା ପଦକ୍ ମିଲିଛେ । ସେଥିର୍ ଭିତ୍‌ରେ ଗୁଟେ ସ୍ୱର୍ଣ୍ଣ, ୩ଟା ରୌପ୍ୟ ଆଉ ୩ଟା କାଂସ୍ୟ ରହିଛେ ।

ପାଣିପାଗ	ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜ୍‌କୁ ଆଏବା ଦିନେ ଦୁଇଦିନ୍ ଭିତ୍‌ରେ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ପୁରା ଫିରିଯିବାର୍ ଲାଗି ପାଗ୍ ଅନୁମୁଲ୍ ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । କେନ୍ଦ୍ରର ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ କୋରାପୁଟ୍, ମାଲକାନଗିରିର୍ ଗୁଟେ କି ଦୁଇଟା ଜାଗା ନ ଘଡ୍‌ଘଡ଼ି ସହେତେ ହାଲ୍‌କା ନୁ ମଧ୍ୟମ୍ ବର୍ଷା ହେଇପାରେ । ରାଜ୍ୟର ବାଗି ସବୁ ଜାଗା ନ ପାଗ୍ ଶୁଖା ରହିପାରେ ।